بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୪ ଅପ୍ରେଲ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ସତ୍ୟ ବଚନ କହିବା ପରିପ୍ରେକ୍ଷୀରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଆଦର୍ଶମୟ ଜୀବନର ବିଶ୍ୱାସବର୍ଦ୍ଧକ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ ସତ୍ୟତାର ଉଚ୍ଚ ସ୍ତର ସଂକ୍ରାନ୍ତରେ ଯେଉଁ ଉତ୍ତମ ଆଦର୍ଶ ଓ ବିଶ୍ୱାସକାରୀମାନଙ୍କୁ ହିତୋପଦେଶ ଓ ମାର୍ଗଦର୍ଶନ କରିବାର ଚର୍ଚ୍ଚା ଗତ **ଖୁତ୍‌ବା**ରେ କରିଥିଲି । ସେହି ପରିପ୍ରେକ୍ଷୀରେ ଅତିରିକ୍ତ ଆଲୋଚନା ଆଜି କରିବି । ହୁଜୁର[ସ.ଅ] କହିଲେ; ଜଣେ ବ୍ୟକ୍ତିର ମିଥ୍ୟାବାଦୀ ହେବା ନିମନ୍ତେ ଏହି ଚିହ୍ନ ଯଥେଷ୍ଟ ଯେ ସେ ଶୁଣିଥିବା ପ୍ରତ୍ୟେକ କଥାକୁ ଲୋକମାନଙ୍କ ମଧ୍ୟରେ ପରିବ୍ୟାପ୍ତ କରିବାକୁ ଲାଗିଥାଏ । ଏବେ ଦେଖନ୍ତୁ ଏହି ଅଭ୍ୟାସ ଲୋକମାନଙ୍କ ସ୍ୱଭାବରେ ରହିଥାଏ । ଆମ ଜମାଅତରେ ବି ଅନେକ ଲୋକଙ୍କ ଠାରେ ଏହି ବଦ୍‌ଗୁଣ ରହିଛି ।

ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ହଜରତ ଆଏଶା[ର.ଅ] କୁହନ୍ତି; ପୁଣ୍ୟଶ୍ଲୋକଙ୍କର ନିଷ୍ଠାପର ସାହାବାମାନଙ୍କୁ ମିଥ୍ୟା ଠାରୁ ବଳି ଅଧିକ ଅନ୍ୟକିଛି ଅପସନ୍ଦ ଓ ଘୃଣ୍ୟ ନଥିଲା । ଯଦି କୌଣସି ବ୍ୟକ୍ତି ମହାଭାଗଙ୍କ ସମ୍ମୁଖରେ ମିଛ କଥା କହି ଦେଉଥିଲା, ତେବେ ସେହି କଥା ହୁଜୁର[ସ.ଅ]ଙ୍କ ମନରେ ବସା ବାନ୍ଧି ନେଉଥିଲା । ମହାଭାଗ ଏହା ଜାଣି ନେଉଥିଲେ ଯେ ଏହି ବ୍ୟକ୍ତି ଜଣକ ମିଛ କହୁଅଛି । ସେଥି ଯୋଗୁଁ ହୁଜୁର[ସ.ଅ]ଙ୍କୁ ବହୁତ କଷ୍ଟ ହେଉଥିଲା ଓ ହୁଜୁର ତାହାକୁ ଅନୁଭବ କରୁଥିଲେ ତଥା ସେହି କଥାକୁ ମନେ ରଖୁଥିଲେ । ଯେପର୍ଯ୍ୟନ୍ତ କି ମହାଭାଗଙ୍କୁ ଜଣା ପଡିଯାଉ ନଥିଲା, ଯେ ଉକ୍ତ ବ୍ୟକ୍ତି ଜଣକ ସେଥିପାଇଁ କ୍ଷମା ପ୍ରାର୍ଥନା କରି ନିଜର ସୁଧାର କରିନେଇଛି । ଆଉ ମିଛ କହିବାରୁ ସମ୍ପୂର୍ଣ୍ଣ ରୂପେ ନିବୃତ୍ତ ହେବା ଆରମ୍ଭ କରିଦେଇଛି । ଆଉ ଏକ ବର୍ଣ୍ଣନାରେ ହଜରତ ଅସ୍‌ମା[ର.ଅ] କୁହନ୍ତି; ଜଣେ ମହିଳା ହୁଜୁର[ସ.ଅ]ଙ୍କ ନିକଟକୁ ଆସିଲା ଓ କହିଲା; ମୋର ଜଣେ ସଉତୁଣୀ ଅଛନ୍ତି, କ'ଣ ମୁଁ ନିଜ ସ୍ୱାମୀଙ୍କ ଧନରାଶି ଦ୍ୱାରା ତୃପ୍ତ ହେବାର ପରିପ୍ରକାଶ କଲେ ମୋର କିଛି ପାପ ହେବ ? କାରଣ ସେ ମୋତେ ଖୁବ୍ ପ୍ରଦାନ କରୁଛନ୍ତି, ଯଦିଚ କି ସେ ମୋତେ ପ୍ରଦାନ କରି ନଥା'ନ୍ତି, ମୁଁ କେବଳ ନିଜ (ସଉତୁଣୀକୁ) ଚିଡ଼ାଇବାକୁ ଚାହେଁ । ଏଥି ଉତ୍ତରେ ମହାଭାଗ କହିଲେ; ଯେଉଁ ବ୍ୟକ୍ତି ସେହି ଜିନିଷ ସଂକ୍ରାନ୍ତରେ ଯାହା ତାହାକୁ ପ୍ରଦାନ କରାଯାଇ ନାହିଁ, ସନ୍ତୁଷ୍ଟ ହେବାର ପରିପ୍ରକାଶ କରେ ତେବେ ସେ ବ୍ୟକ୍ତି ଏପରି ଯେମିତିକି ମିଥ୍ୟାର ଦୁଇଟି ବସ୍ତ୍ର ପରିଧାନ କରିଛି । ଏହାର ବ୍ୟାଖ୍ୟାରେ ଉଲ୍ଲେଖ କରାଯାଇଛି, ଯେ ଏଠାରେ ବସ୍ତ୍ର ଶବ୍ଦ ଉଦାହରଣ ଛଳରେ ବ୍ୟବହାର କରାଯାଇଛି । ଏହାର ଅର୍ଥ ନୁହେଁ, ଯେ ସେହି ବ୍ୟକ୍ତି ଜଣକ ଠକ ଓ ପ୍ରତାରଣାକାରୀ । ବରଂ ସେ ମିଥ୍ୟାର ଦୁଇଟି ବସ୍ତ୍ର ପରିଧାନ କରିଛି, ଗୋଟିକୁ ନିଜ ଶରୀରରେ ଘୋଡ଼ି ରଖିଛି ଓ ଅନ୍ୟଟିକୁ ଧୋତି ଆକାରରେ ପରିଧାନ କରିଛି ।

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ଯେଉଁ ବ୍ୟକ୍ତି ଠାରେ ଚାରୋଟି କୁପ୍ରବୃତ୍ତି ଥିବ ତେବେ ସେ ହେଉଛି ପରମ କପଟି । ଆଉ ଯାହା ଠାରେ ସେଥି ମଧ୍ୟରୁ ଗୋଟିଏ କୁପ୍ରବୃତ୍ତି ଥିବ ତେବେ ତାହା ଠାରେ ଇର୍ଷା ଓ ଦ୍ୱେଷ ଭାବ ରହିଛି, ଯେପର୍ଯ୍ୟନ୍ତ କି ସେ ତାହାକୁ ପରିହାର କରିଦେଇ ନାହିଁ । ଯଦି ତାହା ନିକଟରେ ଅମାନତ୍ ରଖାଯାଏ ତେବେ

ସେ ବିଶ୍ୱାସଘାତକତା କରିଥାଏ ଓ ଯେତେବେଳେ କଥା କୁହେ, ମିଥ୍ୟା ବଚନ କହିଥାଏ । ଆଉ ଯେତେବେଳେ ପ୍ରତିଜ୍ଞା କରେ ତାହାକୁ ଭଙ୍ଗ କରିଦିଏ । ପୁଣି ଯେତେବେଳେ କଳହ କରେ ସେତେବେଳେ ଗାଳିଗୁଲଜ କରେ । ଏସମସ୍ତ ବିଷୟ ଏପରି ଯାହାକି କୌଣସି ନା କୌଣସି ପ୍ରକାରେ ସିଧାସଳଖ ହେଉ ଅବା ପରୋକ୍ଷ ଭାବେ ମିଛ ଆଡ଼କୁ ଘେନି ନେଇଥାଏ ଅଥବା ସେମାନେ ମିଛ କହିଥା'ନ୍ତି ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ଯେତେବେଳେ କୌଣସି ବ୍ୟକ୍ତି ମିଛ କୁହେ ସେତେବେଳେ ଫରିସ୍ତାମାନେ ତାହା ଠାରୁ ଏକ ମାଇଲ୍ ଦୂରକୁ ଚାଲି ଯାଇଥା'ନ୍ତି, ସେହି ଦୁର୍ଗନ୍ଧ ଯୋଗୁଁ ଯାହାକି ତା'ର କର୍ମ ଯୋଗୁଁ ପ୍ରକାଶ ପାଇଥାଏ । ଏକଦା ହୁଜୁର[ସ.ଅ] ଶସ୍ୟ ରଖା ଯାଇଥିବା ଏକ ସ୍ଥାନରୁ ଅତିକ୍ରମ କଲେ । ହଠାତ୍ ମହାଭାଗ ଶସ୍ୟପୂର୍ଣ୍ଣ ବସ୍ତାରେ ନିଜ ହସ୍ତ ପ୍ରବିଷ୍ଟ କରିଦେଲେ, ସେତେବେଳେ ମହାଭାଗଙ୍କୁ ତାଙ୍କ ହାତ ଓଦା ଲାଗିଲା । ଏଥିରେ ମହାଭାଗ ପଚାରିଲେ କଥା କ'ଣ ଏହି ଶସ୍ୟ ଓଦା କେମିତି ହେଲା ? ଚାଷୀ ଜଣକ ଉତ୍ତର ଦେଲେ ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ବର୍ଷା ହେବା ଯୋଗୁଁ ଏହା ଭିଜି ଯାଇଛି । ତହୁଁ ମହାଭାଗ କହିଲେ; ତେବେ ତୁମେ ଓଦା ଶସ୍ୟକୁ ଉପରେ କାହିଁକି ରଖିଲ ନାହିଁ । ଯଦ୍ୱାରା ଲୋକମାନେ ତାହା ଦେଖି ନିଅନ୍ତେ ଯେ ଶସ୍ୟ ଓଦା ଅଛି । **ଦେଖ ଯିଏ ଧୋକା ଦିଏ ସେ ଆମ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ** । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅତଏବ ଆଜି ଆମେମାନେ ଯିଏକି ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କୁ ସ୍ୱୀକାର କରି ପବିତ୍ର ଅବତାର ହଜରତ ମୁହମ୍ମଦ[ସ.ଅ]ଙ୍କର ପ୍ରକୃତ ଅନୁଗାମୀ ହେବାର ଦାବି କରୁଅଛେ, ଆମର ପ୍ରତ୍ୟେକ ଆଚରଣ ଓ ଉଚ୍ଚାରଣରେ ସତ୍ୟର ଉଚ୍ଚତମ ସ୍ତର ପରିଲକ୍ଷିତ ହେଉଥିବା ଉଚିତ୍ । ନଚେତ୍ ଯେପରିକି ହୁଜୁର[ସ.ଅ] କହିଛନ୍ତି, ଏପରି ବ୍ୟକ୍ତି ଆମ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ । ଅର୍ଥାତ୍ ଆମ୍ଭ ସହିତ ତାହାର କୌଣସି ସମ୍ପର୍କ ନାହିଁ ।

ଦେଖ ନବୀଶିରୋମଣୀ ସର୍ବଦା ସତ କହିବା ଓ ଅମାନତ୍, ବିଶ୍ୱସ୍ତତାରେ ସବାଗ୍ରେ ହେବା ଯୋଗୁଁ ଲୋକମାନଙ୍କ ଗହଣରେ **ସିଦ୍ଦିକ୍** ଓ **ଅମିନ୍** ନାମରେ ସୁପ୍ରସିଦ୍ଧ ଥିଲେ । ଜଣେ ରଚନାକାରୀ ଉଲ୍ଲେଖ କରିଛନ୍ତି, ପୁଣ୍ୟଶ୍ଳୋକଙ୍କ ଆଗମନ ପୂର୍ବରୁ ଅନ୍ଧକାରମୟ ଯୁଗରେ ସେମାନଙ୍କ ନିକଟକୁ କୌଣସି ସତର୍କକାରୀ ଆସି ନଥିଲେ ଅର୍ଥାତ୍ ସେହି ଜାତିରେ କୌଣସି ନବୀ ଆସି ନଥିଲେ । ଲୋକମାନେ ପ୍ରତିମା, ମୂର୍ତ୍ତି ଓ ଶୈତାନର ଉପାସନା କରୁଥିଲେ । ମହାଭାଗ ସେହି ଲୋକ ଅର୍ଥାତ୍ ଶୈତାନୀୟ ଦଳ ମଧ୍ୟରେ ବସବାସ କରୁଥିଲେ । କିନ୍ତୁ ହୁଜୁର[ସ.ଅ] କଦାପି କୌଣସି ପ୍ରତିମୂର୍ତ୍ତି ପ୍ରତି ଆସକ୍ତ ନଥିଲେ, ଆଉ ନା ସେମାନଙ୍କ ସାଥିରେ କୌଣସି ସମ୍ରାଟଙ୍କ ଦରବାରରେ ହାଜର ହୋଇଥିଲେ । ମହାଭାଗଙ୍କ ମୁଖରୁ କଦାପି ମିଥ୍ୟା ବଚନ ଶୁଣାଯାଇ ନାହିଁ । ଲୋକମାନେ ତାଙ୍କୁ ଜଣେ **ସିଦ୍ଦିକ୍**, ଅତ୍ୟନ୍ତ ଦୟାବାନ, ବିନମ୍ର, ସହନଶୀଳ ଓ **ଅମିନ୍** ବୋଲି ଜାଣିଥିଲେ । ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ଇସଲାମ ପୂର୍ବରୁ ଅନ୍ଧକାରମୟ ଯୁଗରେ ଲୋକମାନେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଠାରୁ ନିଜର ବିଚାର ଓ ନିଷ୍ପତ୍ତି କରାଉ ଥିଲେ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ପବିତ୍ର ଅବତାରଙ୍କ ଉତ୍ତମ ଆଦର୍ଶର ସାକ୍ଷ୍ୟ ତାଙ୍କ ଜାତିର ଲୋକମାନେ ସ୍ୱୟଂ ଦେଇଛନ୍ତି । ହୁଜୁର[ସ.ଅ] ନିଜ ଅବତାରତ୍ୱର ଦାବି କରିବା ପୂର୍ବରୁ ଆପଣଙ୍କ ଜାତିର ଲୋକମାନେ ଆପଣଙ୍କୁ **ଅମିନ୍** ଓ **ସିଦ୍ଦିକ୍** ଆଖ୍ୟା ଦେଇଥିଲେ । ଜଗତରେ ଏପରି ଅନେକ ଲୋକ ଅଛନ୍ତି, ଯାହାଙ୍କୁ କୌଣସି ବଡ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡି ନଥାଏ । ହଁ ! ସାଧାରଣ ପରୀକ୍ଷାର ତ ସାମନା କରିଥା'ନ୍ତି, କିନ୍ତୁ ଏହା ସତ୍ତ୍ୱେ ତାଙ୍କର ଜାତି ତାଙ୍କୁ ସେମିତି କୌଣସି ବିଶେଷ ପଦବୀ ଅବା ନାମ ଦେଇ ନଥା'ନ୍ତି । ଯେପରି ଯୁଦ୍ଧରେ ସାମିଲ ହେଉଥିବା ସିପାହୀ ନିଜ ଜୀବନର ବାଜି ଲଗାଇ ଦେଇଥାଏ, କିନ୍ତୁ ସେହି ସମୁଦାୟ ପ୍ରତ୍ୟେକ ସୈନିକକୁ 'ଭିକ୍ଟୋରିଆ କ୍ରସ'ର ଟାଇଟେଲ୍ (ଉପାଧି) ଦେଇ ନଥାଏ । ଆଉ ନା ଜର୍ମାନ୍ ଜାତି ପ୍ରତ୍ୟେକଙ୍କୁ 'କ୍ୱାଇରନ୍ କ୍ରସ'ର ଟାଇଟେଲ୍ ଦେଇଥାଏ । ଏହିପରି କୌଣସି ବ୍ୟକ୍ତିକୁ ସମଗ୍ର ଜାତିର **ଅମିନ୍** ଓ **ସିଦ୍ଦିକ୍** ହେବାର ମାନ୍ୟତା ମିଳିବା ଏକ ଅସାଧାରଣ କଥା । ସୁତରାଂ ଆରବର ସହସ୍ର ବର୍ଷର ଇତିହାସରେ ସମଗ୍ର ଜାତି ଜଣକୁ ଏପରି **ଅମିନ୍** ଓ **ସିଦ୍ଦିକ୍**ର ଆଖ୍ୟା ଦେବା ଦର୍ଶାଉଛି, ଯେ ତାଙ୍କ ଅମାନତ୍ ଓ ସଚୋଟତା (ଉଭୟ) ଗୁଣ ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ଥିଲା । ଏହାର ଦୃଷ୍ଟାନ୍ତ ଆରବମାନଙ୍କ ଜ୍ଞାତସାରରେ ଅନ୍ୟ କାହାରିକୁ ପ୍ରାପ୍ତ ହୋଇ ନଥିଲା । ଆରବ ନିଜ ସୂକ୍ଷ୍ମ ପାରଦର୍ଶୀତା ଯୋଗୁଁ ସମଗ୍ର ବିଶ୍ୱରେ ଅନନ୍ୟ

ଓ ଅନୁପମ ଥିଲେ । ସୁତରାଂ ଯେଉଂ ବସ୍ତୁକୁ ଅନନ୍ୟ ଘୋଷିତ କରାଯାଏ, ତାହା ନିଶ୍ଚିତ ରୂପେ ସମଗ୍ର ସଂସାରରେ ଅତୁଳନୀୟ ହିଁ ମଣାଯିବା ଯୋଗ୍ୟ ।

ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀ ସମ୍ପର୍କରେ ବର୍ଣ୍ଣନା କରି ହଜରତ ମୁସଲେହ୍ ମଉଦ[ର.ଅ] ଗୋଟିଏ ସ୍ଥାନରେ ଉଲ୍ଲେଖ କରିଛନ୍ତି, ମହାଭାଗ ନିଜ ପତ୍ନୀଙ୍କୁ କହିଲେ; ମୋ ଉପରେ ଏମିତି ଐଶୀବାଣୀ ହେଲା । ସେତେବେଳେ ମହାଭାଗଙ୍କ ସହଧର୍ମିଣୀ ଏହା କହିଲେ ନାହିଁ, ଯେ ଆପଣ ମିଛ କହୁଛନ୍ତି । ବରଂ ସେ ଆସ୍ୱାଶନା ଦେଲେ କି ଆପଣ ଘାବରା ହୁଅନ୍ତୁ ନାହିଁ, ମହାଭାଗ ଯାହା ଦେଖିଛନ୍ତି ତାହା ସତ୍ୟ ଓ ମହିମାମୟ ଅଲ୍ଲାଃ କଦାପି ଆପଣଙ୍କୁ ନଷ୍ଟ ହେବାକୁ ଦେବେ ନାହିଁ, ଅର୍ଥାତ୍ ଏକାକୀ ଛାଡ଼ିବେ ନାହିଁ । କାରଣ ଆପଣ ମିଛ କୁହନ୍ତି ନାହିଁ, ଅଭାବଗ୍ରସ୍ତର ବୋଝ ଉଠାଇ ଥା'ନ୍ତି, ହଜି ଯାଇଥିବା ସତ୍‌କର୍ମ କରନ୍ତି, ଅତିଥିମାନଙ୍କର ସତ୍କାର କରନ୍ତି, ସତ୍ୟ ଓ ନ୍ୟାୟର ସମର୍ଥନ କରନ୍ତି । ପୁଣି ହଜରତ ଖଦିଜାଃ[ର.ଅ] ତାଙ୍କୁ ନିଜ ଭାଇ ଓ୍ୱର୍କା ବିନ୍ ନଓ୍ୱଫିଲ୍ ନିକଟକୁ ନେଇଗଲେ । କାରଣ ସେ ଇସ୍ରାଇଲୀୟଙ୍କର ଜଣେ ବଡ ବିଦ୍ୱାନ ବ୍ୟକ୍ତି ଥିଲେ, ସେ ମହାଭାଗଙ୍କ କଥା ଶୁଣି କହିଲେ; ଏହି ଦୈବିବାଣୀରେ ସେହିପରି ଆଦେଶ ଓ ବିଧାନ ପରିଲକ୍ଷିତ ହେଉଛି, ଯେପରି ମୁସା[ଅ.ସ]ଙ୍କୁ ଦୈବିବାଣୀ ହେଉଥିଲା । ଆପଣଙ୍କ ଘରେ ନିଜ ଚଚା ପୁଅ ଭାଇ ଥିଲେ, ଯିଏକି ଯୁବାବସ୍ଥାରେ ଉପନୀତ ହୋଇଯାଇ ଥିଲେ । ସେ ଆପଣଙ୍କ ପ୍ରଚାର କାର୍ଯ୍ୟରେ ଉତ୍ତମ ସହାୟକ ସିଦ୍ଧ ହୋଇପାରିବେ । ତେବେ ହଜରତ ଅଲୀ[ର.ଅ] ନିଜ ଭାଇ ଓ ଭାଉଜଙ୍କ କଥା ଶୁଣି ଉତ୍ତର ଦେଲେ, ମୁଁ ମଧ୍ୟ ବିଶ୍ୱାସ କରୁଛି ଯେ ଆପଣ ସତ୍ୟବାଦୀ ଓ ସର୍ବଶକ୍ତିମାନ ଅଲ୍ଲାଃ ଅବଶ୍ୟ ଆପଣଙ୍କ ସହିତ ବାର୍ତ୍ତାଳାପ କରିଥିବେ । ପୁଣି ଜଣେ ସ୍ୱାଧୀନ ପ୍ରାପ୍ତ ଦାସ ଥିଲେ, ଯିଏକି ମହାଭାଗଙ୍କ ଉତ୍ତମ ବ୍ୟବହାର ଦ୍ୱାରା ପ୍ରଭାବିତ ହୋଇ ନିଜ ପିତାମାତାଙ୍କୁ ଛାଡ଼ି ହୁଜୁର[ସ.ଅ]ଙ୍କ ଦ୍ୱାରରେ ବସି ପଡିଥିଲେ । ଯେତେବେଳେ ସେ ନିଜ ପ୍ରିୟ ମୁନିବଙ୍କର ଏହି ବିଷୟ ଚର୍ଚ୍ଚା ଯାହାକି ଧିର ସ୍ୱରରେ ଚାଲିଥିଲା, ଶୁଣିଲେ ଓ ହୁଜୁର[ସ.ଅ]ଙ୍କ ପବିତ୍ର ମାନସ ପଟଳରେ ଚିନ୍ତାର ଚିହ୍ନ ଦେଖିଲେ, ସେତେବେଳେ ଆଗକୁ ବଢ଼ି ନିଜ ମୁନିବଙ୍କୁ ଆଲିଙ୍ଗନ କରିନେଲେ ଓ କହିଲେ; ହେ ମୋର ସ୍ୱାମୀ ! ତାହା ହିଁ ଘଟିବ ଯାହା ମହାଭାଗ ଦେଖିଛନ୍ତି । ଯାହା ମହାଶୟ କହିଲେ ଓ ଦେଖିଲେ ତାହା ନିରାଟ ସତ୍ୟ । ମୋତେ ବି ନିଜ ସହିତ ସାମିଲ କରିନିଅନ୍ତୁ । ପୁଣି ଜଣେ ଅନ୍ତରଙ୍ଗ ବନ୍ଧୁ ଯିଏକି ଗୋଟିଏ ସାମୁକାରେ ବିକଶିତ ହୋଇଥିବା ଦ୍ୱିତୀୟ ମୋତି ସଦୃଶ ଥିଲେ । ଯେତେବେଳେ ସେ ଶୁଣିବାକୁ ପାଇଲେ ଯେ ତାଙ୍କୁ ବନ୍ଧୁ ଏପରି ଘୋଷଣା କରିଛନ୍ତି, ସେତେବେଳେ ସେ ଆସି କହିଲେ; ମୋତେ କେବଳ ଏତିକି କୁହନ୍ତୁ ଯେ କ'ଣ ଯାହା ମୁଁ ଶୁଣିବାକୁ ପାଇଲି ତାହା ସତ । ତା'ପରେ ନିଜ ବନ୍ଧୁଙ୍କ ସମର୍ଥନ କରି କହିଲେ; ହେ ମୋର ସତ୍ୟବାଦୀ ମିତ୍ର ! ମୁଁ ତୁମ୍ଭ ଅବତାରତ୍ୱ ଉପରେ ବିଶ୍ୱାସ ଆଣୁଛି । ବିଧାତାଙ୍କର ବିଧାନ ଦେଖ ! ସେହି ବିରୁଦ୍ଧାଚରଣର ଭୟଙ୍କର ଝଡ ଆସିବା ପୂର୍ବରୁ ଈଶ୍ୱର କିପରି ମହାଭାଗଙ୍କର ପରମ ବିଶ୍ୱସ୍ତ ସାଥୀ ଉତ୍ପନ୍ନ କରିଦେଲେ । ଦେଖ ହଜରତ ମୁସା[ଅ.ସ] ନିଜ ଦାୟିତ୍ୱ ନିର୍ବାହ କରିବା ନିମନ୍ତେ ଜଣେ ସହାୟକ ମନ୍ତ୍ରୀ ମାଗିଥିଲେ । କିନ୍ତୁ ପୁଣ୍ୟଶ୍ଲୋକ ମାଗି ନଥାଇ ମଧ୍ୟ ତାଙ୍କୁ ପାଞ୍ଚଜଣ ମନ୍ତ୍ରୀ ପ୍ରଦାନ କରି ଦିଆଯାଇଥିଲେ । ସେ ବି ଏପରି ମନ୍ତ୍ରୀ ଥିଲେ, ଯିଏକି ହୁଜୁର[ସ.ଅ]ଙ୍କ ଭାର ବହନ କରିବାରେ ଅଭୂତପୂର୍ଣ୍ଣ ସହଯୋଗ ଓ ବଳିଦାନ କରିଥିଲେ । ଯଦିଚ ଓର୍କା ଶୀଘ୍ର ମୃତ୍ୟୁବରଣ କରିଥିଲେ, କିନ୍ତୁ ସେ ମହାଭାଗଙ୍କ ସତ୍ୟତାର ଏକ ଅଲିଭା ଓ ଚିର ସ୍ମରଣୀୟ ସାକ୍ଷ୍ୟ ଦେଇ ବାହୁଡ଼ି ଯାଇଥିଲେ । ହଜରତ ଖଦିଜାଃ[ର.ଅ] ୧୨ବର୍ଷ ପର୍ଯ୍ୟନ୍ତ ମହାଭାଗଙ୍କ ସାଥିରେ ରହି ସେହି କାର୍ଯ୍ୟ ସମ୍ପାଦନ କରିଥିଲେ, ଯାହାକୁ ଦେଖି ଜଣେ ମହାନ ବଳବାନ ଓ ବୀର ପୁରୁଷର ନେତ୍ର ମଧ୍ୟ ଅବନତ ହୋଇଯାଇଥାଏ । ହଜରତ ଜୈଦ୍[ର.ଅ] ୨୦ବର୍ଷ ପର୍ଯ୍ୟନ୍ତ ବଳିଦାନର ଅସାଧାରଣ ନମୁନା ପ୍ରଦର୍ଶନ କରିଥିଲେ । ଶେଷରେ ତୀକ୍ଷ୍ଣ ଖଣ୍ଡାର ଧାରରେ ନିଜ ଅମୂଲ୍ୟ ପ୍ରାଣବଳୀ ଦେଇ ପ୍ରମାଣିତ କରିଦେଲେ ଯେ ପବିତ୍ର ଅବତାରଙ୍କର ମନ୍ତ୍ରୀ କିପରି ହେବା ଉଚିତ୍ । ସେହିପରି ହଜରତ ଅବୁବକର୍[ର.ଅ] ଓ ହଜରତ ଉମର୍[ର.ଅ] ତ ମହାଭାଗଙ୍କ ଦେହାନ୍ତ ପରେ ବି ଜୀବିତ ଥିଲେ ଓ ହୁଜୁର[ସ.ଅ]ଙ୍କ ଉତ୍ତରାଧିକାରୀ ହୋଇ ଏକ ନୂତନ ରଙ୍ଗରେ (ନିଷ୍ପାପର ଅନୁଚର) ହେବାର ପ୍ରମାଣ ଦେଇଗଲେ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆମର ପ୍ରିୟ ମୁନିବ ଓ ସର୍ଦାର ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର ସତ୍ୟବାଦୀତା ଓ ବିଶ୍ୱସ୍ତତା ଦେଖନ୍ତୁ, ମହାଭାଗ ସମସ୍ତ ପ୍ରକାରର କୁପ୍ରଥାର ମୁକାବିଲା କଲେ । ଭଳିକି ଭଳି ସମସ୍ୟା

ଓ କଷ୍ଟ ସହ୍ୟ କଲେ, କିନ୍ତୁ ତାହାର ତିଳେ ମାତ୍ର ଭ୍ରୂକ୍ଷେପ କଲେ ନାହିଁ । ସେହି ସଚୋଟତା ଓ ବିଶ୍ୱସ୍ତତା ଥିଲା, ଯାହା ଫଳରେ ପରାକ୍ରମୀ ଅଲ୍ଲାଃ ମହାଭାଗଙ୍କ ଉପରେ କୃପାବତୀର୍ଣ୍ଣ କଲେ । ଏଥିପାଇଁ ଅଲ୍ଲାଃ କହିଲେ; **ଇନ୍ନଲ୍ଲାହା ଓ ମଲାଇକତହୁ ୟୁସଲ୍ଲୁନା ଆଲନ୍ ନବୀଇ ୟାଅୟୁହଲ୍ ଲଜିନା ଆମନୁ ସଲ୍ଲୁ ଅଲୈହି ଓ ସଲ୍ଲିମୁ ତସ୍‌ଲିମା** । ଅଲ୍ଲାଃ ଓ ତାଙ୍କର ସକଳି ଦେବଦୂତମାନେ ଏହି ରସୁଲ୍‌ଙ୍କ ପ୍ରତି **ଦରୁଦ୍** ପ୍ରେରଣ କରୁଛନ୍ତି । ହେ ବିଶ୍ୱାସକାରୀମାନେ ! ତୁମେମାନେ ମଧ୍ୟ ଏହି ନବୀଙ୍କ ପ୍ରତି **ଦରୁଦ୍** ଓ **ସଲାମ୍** ପ୍ରେରଣ କର । ଏହି ଆୟତ୍‌ରୁ ସ୍ପଷ୍ଟ ହେଉଛି ଯେ ହଜରତ ମୁହମ୍ମଦ[ସ.ଅ]ଙ୍କର କର୍ମ ଏପରି ଥିଲା, ଯେ ଅଲ୍ଲାଃତାଲା ତାଙ୍କର ପ୍ରଶଂସା ଅବା ଗୁଣାବଳୀକୁ ସୀମାବଦ୍ଧ କରିବା ସକାଶେ କୌଣସି ବିଶେଷ ଶବ୍ଦ ଚୟନ କଲେ ନାହିଁ । ଯଦିଚ ଶବ୍ଦ ତ ମିଳିଯାଇଥା'ନ୍ତା, କିନ୍ତୁ ସ୍ୱୟଂ ବ୍ୟବହାର କଲେ ନାହିଁ । ଅର୍ଥାତ୍ ମହାଭାଗଙ୍କ ଉତ୍ତମ ଆଚରଣ ପ୍ରଶଂସା ବହିର୍ଭୂତ ଥିଲା । ଏପ୍ରକାର ଆୟତ ଅନ୍ୟ କୌଣସି ନବୀଙ୍କ ବୈଶିଷ୍ଟ୍ୟ ଓ ମର୍ଯ୍ୟାଦାରେ ଉଲ୍ଲେଖ ନାହିଁ । ପୁଣ୍ୟଶ୍ଳୋକଙ୍କ ଆତ୍ମାରେ ସେହି ସତ୍ୟତା ଓ ପବିତ୍ରତା ଥିଲା ତଥା ମହାଭାଗଙ୍କ ଆଚାର ବ୍ୟବହାର ପ୍ରଭୁଙ୍କୁ ଏତେ ପସନ୍ଦ ଥିଲା, ଯାହା ଫଳରେ ଅଲ୍ଲାଃତାଲା ଚିରକାଳ ପାଇଁ ଏହି ଆଦେଶ ଦେଲେ ଯେ ଆସନ୍ତାରେ ଲୋକମାନେ କୃତଜ୍ଞତା ଜ୍ଞାପନ କରିବା ସକାଶେ ତାଙ୍କ ପ୍ରତି **ଦରୁଦ୍** ପ୍ରେରଣ କରନ୍ତୁ । ମହାଭାଗଙ୍କର ସାହସ ଓ ସତ୍ୟନିଷ୍ଠତା ଏପରି ଥିଲା, ଯେ ଯଦି ଆମେ ପୂର୍ବ ଓ ପରବର୍ତ୍ତୀ ଉଭୟ କାଳକୁ ଅନୁଧ୍ୟାନ କରିବା ତେବେ ତାଙ୍କର ଦୃଷ୍ଟାନ୍ତ ହିଁ ମିଳୁ ନାହିଁ... । ଆମ ପ୍ରିୟ ନବୀ ତ ସହସ୍ର ଲୋକମାନଙ୍କୁ ପରିମାର୍ଜିତ କଲେ, ଯିଏକି ହିଂସ୍ରଜନ୍ତୁ ଠାରୁ ବଳି ମନ୍ଦ ଓ ନିଚ୍ଚ ଥିଲେ । ସେମାନଙ୍କ ମଧ୍ୟରୁ କେତେକ ନିଜ ମାତା ଓ ଭଉଣୀଙ୍କ ମଧ୍ୟରେ ବି ଫରକ୍ କରୁ ନଥିଲେ । ଅନାଥମାନଙ୍କ ଧନ ଆତ୍ମସାତ କରୁଥିଲେ । ମୃତକଙ୍କର ବି ଧନ ଭକ୍ଷଣ କରି ନେଉଥିଲେ, ସେମାନଙ୍କ ମଧ୍ୟରୁ ଅନେକ ନକ୍ଷତ୍ର ପୂଜକ ଥିଲେ । ଆଉ କେତେକ ନାସ୍ତିକବାଦୀ ତ କେତେକ ମୂର୍ତ୍ତି ପୂଜକ ଥିଲେ । ଦେଖ ଆରବ ଉପଦୀପ କ'ଣ ଥିଲା, ଅନେକ ଧର୍ମ ସମୂହର ପୀଠସ୍ଥଳୀ । ଏଥିରୁ ଏହି ଫାଇଦା ହେଲା ଯେ ପବିତ୍ର କୁରଆନ ସକଳ ପ୍ରକାରର ଶିକ୍ଷା ବହନ କରିନେଲା । ସମସ୍ତ ପ୍ରକାରର ଭ୍ରମ ସିଦ୍ଧାନ୍ତ ଓ କୁପ୍ରଥା ଯାହା ସଂସାରରେ ପରିବ୍ୟାପ୍ତ ଥିଲା, ତାହାର ମୂଳୋତ୍ପାଟନ କରିବାର ପର୍ଯ୍ୟାପ୍ତ ଶିକ୍ଷା ଏଥିରେ ଉପଲବ୍ଧ ରହିଛି । ଏହା ଅଲ୍ଲାଃତାଲାଙ୍କର ଗଭୀର ତତ୍ତ୍ୱଜ୍ଞାନ ଓ ସମୁଚିତ ବିଧାନ ଯାହା ଅନ୍ତର୍ଗତ ସେ ଏହି ମହାନ ଅବତାରଙ୍କୁ ପ୍ରେରଣ କଲେ । ପୁଣି ଏପରି ଯୁଗରେ ପ୍ରେରଣ କଲେ ଯହିଁରେ ଅନ୍ଧକାର ନିଜ ଚରମ ସୀମାରେ ପହଞ୍ଚି ଯାଇଥିଲା । ତା'ପରେ ସେହି ହିଂସ୍ର ପ୍ରବୃତ୍ତି ଲୋକମାନଙ୍କୁ ମନୁଷ୍ୟ ରୂପେ ଗଢ଼ି ଶୁଦ୍ଧପୂତ କରି ଦେଲେ । **ଅଲ୍ଲାଃହୁମ୍ମା ସଲ୍ଲି ଆଲା ମୁହମ୍ମଦିଉଁ ଓ୍ୱ ଆଲା ଆଲେ ମୁହମ୍ମଦିନ୍ ଓ୍ୱ ବାରିକ୍ ଓ୍ୱ ସଲ୍ଲିମ୍ ଇନ୍ନକା ହମିଦୁନ୍ ମଜିଦ୍** । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ଆମମାନଙ୍କୁ ନବୀଶିରୋମଣୀଙ୍କ ଉତ୍ତମ ଆଦର୍ଶର ଅନୁକରଣ କରି ସତ୍ୟତାର ଉଚ୍ଚ ଶିଖରରେ ପହଞ୍ଚିବାକୁ ଶକ୍ତି ପ୍ରଦାନ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

24th April 2026

*Translated to Odia by :* Moulavi Anwar Ahmad Khan